# ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ କାର୍ଯ୍ୟାଳୟ
# ସମଗ୍ର ଶିକ୍ଷା, ବୌଦ୍ଧ

ସର୍କିଟ ହାଉସ ପରିସର, ଜିଲ୍ଲାପାଳ, ବୌଦ୍ଧଙ୍କ ବାସଭବନ ନିକଟସ୍ଥ, ପୋ.ଅ./ ଜିଲ୍ଲା- ବୌଦ୍ଧ – ୭୬୨୦୧୪ (ଓଡିଶା)

ପତ୍ର ସଂଖ୍ୟା. ୫୨୦୦ ତାରିଖ. ୨୪-୦୯-୨୦୨୪

## <u>ନୋଟିସ</u>

ଓସେପା, ଭୁବନେଶ୍ୱରଙ୍କ ପତ୍ର ସଂଖ୍ୟା. ୯୦୩୯ ତା. ୨୧.୦୯.୨୦୨୪ରିଖ ଅନୁସାରେ ଆସନ୍ତା **ତା.୦୫.୧୦.୨୦୨୪ରିଖରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ହକି ଷ୍ଟାଡିୟମ ଠାରେ ଅପରାହ୍ନ ୪ ଘ. ୩୦ମି. ସମୟରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆବାହକତ୍ୱରେ ନୂତନ ଭାବେ ଯୋଗଦେବାକୁ ଯାଉଥିବା କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କ ଏକ ଅଭିମୁଖୀକରଣ କାର୍ଯ୍ୟକ୍ରମ** ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ପରିପ୍ରେକ୍ଷୀରେ ଜିଲାପାଳ- ତଥା- ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ବୌଦ୍ଧଙ୍କ ଆଦେଶକ୍ରମେ ନିମ୍ନଲିଖିତ ନିଷ୍ପତ୍ତିମାନ ଗ୍ରହଣ କରାଯାଇଛି ;

୧) **ତା.୦୧.୧୦.୨୦୨୪ରିଖରେ** କ୍ୟାଟେଗୋରୀ-୧ ଓ ୨ ର ସମସ୍ତ ଷ୍ଟ୍ରିମର ପ୍ରାର୍ଥୀ/ ପ୍ରାର୍ଥୀନୀ ମାନେ (ଭିନ୍ନକ୍ଷମ କୋଟାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ/ପ୍ରାର୍ଥୀନିଙ୍କ ବ୍ୟତୀତ) ସକାଳ ଘ. ୧୦.୦୦ରୁ ଅପରାହ୍ନ ଘ.୪.୦୦ ଟା ସମୟ ପର୍ଯ୍ୟନ୍ତ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଟ.୧୧/- ବା ତଦୁର୍ଦ୍ଧ ମୂଲ୍ୟ ବିଶିଷ୍ଟ ନନ-ଯୁଡିସିଆଲ ଷ୍ଟାମ୍ପ ପେପରରେ ନିଜର ଚୁକ୍ତି ରାଜିନାମା ସ୍ୱାକ୍ଷର କରିବା ହେବେ । ଏଥିସହ କନିଷ୍ଠ ଶିକ୍ଷକ (ସ୍କିମାଟିକ) ପଦବୀ ପାଇଁ ଆବେଦନ କଲାବେଳେ ପ୍ରଦାନ କରିଥିବା ନିଜର ଓଟିଇଟି, ଶିକ୍ଷା, ତାଲିମ, ଜାତି, ବାସଗତ ଓ ଅନ୍ୟ ସମସ୍ତ ପ୍ରମାଣପତ୍ରର ଏକାକିତା ନକଲ ସହ ପାସପୋର୍ଟ ସାଇଜର ଦୁଇଗୋଟି ଫୋଟୋ ସହ ଆବଶ୍ୟକୀୟ ଫର୍ମ ପୂରଣକରି ବ୍ୟକ୍ତିଗତଭାବେ ଉପସ୍ଥିତରହି ଚୁକ୍ତିନାମା ସ୍ୱାକ୍ଷର କରିବା ହେବେ ।

୨)ଚୁଡାନ୍ତ ଯୋଗ୍ୟ ତାଲିକାରେ ସ୍ଥାନିତ ହୋଇଥିବା **ସମସ୍ତ ପ୍ରାର୍ଥୀ/ ପ୍ରାର୍ଥିନୀମାନେ** ମାନେ (ଭିନ୍ନକ୍ଷମ କୋଟାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ/ପ୍ରାର୍ଥୀନିଙ୍କ ବ୍ୟତୀତ) **ଆସନ୍ତା ତା. ୦୪.୧୦.୨୦୨୪ରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଆସି ହାଜିରା ପକେଇବେ ।**

୩) ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟ, **ସମଗ୍ର ଶିକ୍ଷା, ବୌଦ୍ଧ ରୁ ଦୁଇଗୋଟି ବସ ଆସନ୍ତା ତା.୦୫.୧୦.୨୦୨୪ ରିଖ ପ୍ରତ୍ୟୁଷ ୪ଘ. ୩୦ମି. ସମୟରେ କଳିଙ୍ଗ ଷ୍ଟାଡିୟମ, ଭୁବନେଶ୍ୱର ଅଭିମୁଖେ ବାହାରିବ** । ତେଣୁକରି ସମସ୍ତ ଯୋଗ୍ୟ ପ୍ରାର୍ଥୀ/ ପ୍ରାର୍ଥିନୀମାନେ ମାନେ (ଭିନ୍ନକ୍ଷମ କୋଟାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀ/ପ୍ରାର୍ଥୀନିଙ୍କ ବ୍ୟତୀତ) ଉକ୍ତ ଦିନ ଅର୍ଥାତ ତା.୦୫.୧୦.୨୦୨୪ରିଖ ପ୍ରତ୍ୟୁଷ ୪ଘ.୩୦ମି. ସୁଦ୍ଧା ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ନିହାତି ପହଞ୍ଚିବେ ।

୪) ଅଭିମୁଖୀକରଣ କାର୍ଯ୍ୟକ୍ରମକୁ ଯାଉଥିବା **ସମସ୍ତ ପ୍ରାର୍ଥୀ/ ପ୍ରାର୍ଥିନୀ ମାନଙ୍କୁ ପ୍ରାଥମିକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସମବେଶ (ପୋଷାକ ଓ ଶାଢୀ) ପରିଧାନ କରିବାକୁ ଅନୁରୋଧ** କରାଗଲା ।

୫) ଜିଲ୍ଲା ସ୍ତରରୁ ରାଜ୍ୟସ୍ତରକୁ ଯିବା ପୂର୍ବରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ **ପରିଚୟ- ପତ୍ର ପରିଧାନ ବାଧ୍ୟତାମୂଳକ,** ଅନ୍ୟଥା ଆପଣଙ୍କୁ କାର୍ଯ୍ୟସ୍ଥଳୀକୁ ଯିବାକୁ ଅନୁମତି ଦିଆଯିବ ନାହିଁ ।

୬) ଜିଲ୍ଲା ସ୍ତରରୁ ଯିବାକୁ ଥିବା ଦୁଇଟି ବସ ଯିବା ବାଟରେ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ସମାପ୍ତକରି **ମଧ୍ୟାହ୍ନ ୧୨ଘ.୩୦ମି. ସୁଦ୍ଧା କଳିଙ୍ଗ ହକି ଷ୍ଟାଡିୟମ, ଭୁବନେଶ୍ୱରର ମୁଖ୍ୟଦ୍ୱାରରେ ପ୍ରବେଶ କରିବ** ଓ ଦିନ ୨.୦୦ଘ. ସୁଦ୍ଧା ସମସ୍ତ ପ୍ରାର୍ଥି /ପ୍ରାର୍ଥିନୀ ନିଜ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ଆସନ ଗ୍ରହଣ କରିବେ ।

୭) ଯଦି, ଉକ୍ତ କାର୍ଯ୍ୟକ୍ରମକୁ ଗଲା ସମୟରେ ବର୍ଷା ହେଉଥାଏ ତେବେ ପ୍ରାର୍ଥୀ/ ପ୍ରାର୍ଥିନୀମାନେ ରଙ୍ଗୀନ ଛତା ଅଥବା ରଙ୍ଗୀନ ରେନକୋର୍ଟ ବ୍ୟବହାର କରିପାରିବେ । **କିନ୍ତୁ କୌଣସି ପରିସ୍ଥିତିରେ କଳା ରଙ୍ଗର ଛତା ହେଉ ଅବା କଳା ରଙ୍ଗର ରେନକୋର୍ଟ ବ୍ୟବହାର କରିପାରିବେ ନାହିଁ ।**

୮) କଳିଙ୍ଗ ଷ୍ଟାଡିୟମ ଭିତରକୁ **କେବଳ ପରିଚୟ- ପତ୍ର, ନିଜ ନିଜର ବାଲେଟ ଓ ମୋବାଇଲ ଫୋନ ନେବାପାଇଁ ଅନୁମତି ଦିଆଯିବ । ଏହାଛଡା କୌଣସି ବ୍ୟାଗ କିମ୍ବା ପର୍ସ କିମ୍ବା ଭିତରକୁ ଛଡାଯିବ ନାହିଁ ।** ବରଂ, ଯଦି ସେମିତି କିଛି ଜିନିଷ ଥାଏ, ତେବେ ସେଗୁଡିକୁ ବସ୍ ରେ ରଖିଦେଇ ଯିବାକୁ ଅନୁରୋଧ ।

**ଏହାକୁ ଅତ୍ୟନ୍ତ ଜରୁରୀ ମନେକରି ସମସ୍ତ ପ୍ରାର୍ଥୀ/ ପ୍ରାର୍ଥୀନୀମାନେ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରାଗଲା ।**

**ଜିଲ୍ଲାପାଳ- ତଥା- ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ**
**ଜିଲ୍ଲା ପରିଷଦ, ବୌଦ୍ଧଙ୍କ ଆଦେଶକ୍ରମେ**

**ଜିଲ୍ଲା ପ୍ରକଳ୍ପ ସଂଯୋଜକ,**
**ସମଗ୍ର ଶିକ୍ଷା, ବୌଦ୍ଧ**

ପରିପତ୍ର ସଂଖ୍ୟା. ୧୬୦୧ ତାରିଖ. ୨୫ -୦୫-୨୦୨୪

ଏହାର ଏକାକିତା ନକଲ ଜିଲ୍ଲା ଇ-ଗଭରନାନ୍ସ ମ୍ୟାନେଜର, ବୌଦ୍ଧଙ୍କ ବିହିତ ଅବଗତି ଓ ଜିଲ୍ଲା ୱେବସାଇଟ ରେ ଏହି ନୋଟିସର ବିହିତ ପ୍ରକାଶନ ନିମନ୍ତେ ଅନୁରୋଧ କରାଗଲା ।

**ଜିଲ୍ଲା ପ୍ରକଳ୍ପ ସଂଯୋଜକ,**
**ସମଗ୍ର ଶିକ୍ଷା, ବୌଦ୍ଧ**